# କେନ୍ଦୁଝର : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ :

# ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ସଚେତନତା, ଦୃଢ ମାନସିକତା ଓ ନୈତିକତା ଆବଶ୍ୟକ




କେନ୍ଦୁଝର, ତା୦୨.୧୧.  ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ତା ୦୨.୧୧.୨୦୧୮ରିଖ ଶୁକ୍ରବାର ଦିନ ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ଜନ ସଚେତନତା, ଦୃଢ ମାନସିକତା ଓ ନୈତିକତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ଏସ୍.ପି. ଜେ.ଏନ୍. ପଙ୍କଜ, ଡି.ଏସ୍.ପି. ଭିଜିଲାନ୍ସ୍ ଦେବଦତ ସେଠ୍  ଯୋଗଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ଉଦ୍‌ବୋଧନ ଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଏବଂ ଏହା ଦେଶର ବିକାଶରେ ବାଧକ ବୋଲି କହିବା ସହିତ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମାଜର ସମସ୍ତ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ସରକାରୀସ୍ତର ହେଉ କିମ୍ବା ବେସରକାରୀସ୍ତର ହେଉ ସବୁଠି ତୃଣମୂଳସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ସାଧୁତା ଓ ସ୍ୱଚ୍ଛତା ବଜାୟ ରହିଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ଏ ଦିଗରେ ପ୍ରତ୍ୟେକ ବ୍ୟକ୍ତି ସତର୍କ, ଜାଗ୍ରତ ରହିବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାପାଳ ଶ୍ରୀ ଠାକରେ ନିଜ ଅଭିଭାଷଣରେ ପ୍ରତ୍ୟେକ ବ୍ୟକ୍ତି ଶିକ୍ଷିତ, ସ୍ୱାଭିମାନୀ, ସଙ୍କୋଚ ଏବଂ ଚରିତ୍ରବାନ୍ ହୋଇପାରିଲେ ଦୁର୍ନୀତିର ମୂଳପ୍ତାଟନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଦୁର୍ନୀତିର କାୟା ଚାରିଆଡେ ବ୍ୟାପି ଯାଇଛି । ଏଣୁ ଦୁର୍ନୀତି ନିବାରଣ ପାଇଁ ପ୍ରୟାସ ତୃଣମୂଳ ସ୍ତରରୁ ଆରମ୍ଭ ହେବା ଜରୁରୀ ବୋଲି କହିବା ସହିତ ଏ ଦିଗରେ ପରିବାର ଓ ଶିକ୍ଷାନୁଷ୍ଠାନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସମସ୍ତ ନିଜ ଆଚାର ବିଚାର, ଆଚରଣ ଓ ଉଚ୍ଚାରଣରେ ସ୍ୱଚ୍ଛତା ଅବଲମ୍ବନ କଲେ ଦୁର୍ନୀତି ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲି । ସଚେତନତାକୁ ଶକ୍ତି ଭାବେ ଅଭିହିତ କରି ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ସମ୍ମାନିତ ଅତିଥି ଜେ.ଏନ୍. ପଙ୍କଜ ଉଦ୍‌ବୋଧନ ଦେଇ ପରିବାରରେ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ପିଲାମାନଙ୍କୁ ସ୍ୱଚ୍ଛତା, ନୈତିକତା ଶିକ୍ଷାଦେଲେ ସେମାନଙ୍କର ଉତମ ଚରିତ୍ର ଗଠନ ହୋଇପାରିବ ଏବଂ ଭବିଷ୍ୟତରେ ସମାଜରୁ ଦୁର୍ନୀତି ହଟାଇବା ପାଇଁ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ଏବଂ ଦୁର୍ନୀତି ମୁକ୍ତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ । ପ୍ରତ୍ୟେକ ବ୍ୟକ୍ତି ପ୍ରତିଷେଧକମୂଳକ ସତର୍କତା ଅବଲମ୍ବନ କଲେ ସୁଶାସନ ପ୍ରତିଷ୍ଠା ହୋଇପାରିବ ଏବଂ ଦୁର୍ନୀତି ଦୂର ହୋଇପାରିବ ବୋଲି କହିଥିଲେ ।  ଦେଶରେ ଓଡିଶା ଭିଜିଲାନ୍ସର ର ସୁନାମ ରହିଛି ବୋଲି କହିବା ସହିତ ଏହି ବିଭାଗକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଜନସାଧାରରଣ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଡି.ଏସ.ପି. ଭିଜିଲାନ୍ସ ଦେବଦତ ସେଠ୍  ନିଜ ବକ୍ତବ୍ୟରେ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଭିଜିଲାନ୍ସ ବିଭାଗର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରି ଜନ ସାଧାରଣ ସହଯୋଗ କଲେ ଏହି ବିଭାଗ ଅଧିକ କ୍ରିୟାଶୀଳ ହୋଇ ଦୁର୍ନିତି ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି କହିଥିଲେ  । ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନିତିର ନିରାକରଣ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବତାରଣା କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କର ଉତର ଦାୟିତ୍ୱ ସାଙ୍ଗକୁ ଅଧିକାର ଜାହିର୍ କରିବା ସହିତ ସମାଜ ଓ ଦେଶ ପ୍ରତି କର୍ତବ୍ୟବୋଧ ରହିଲେ ଦୁର୍ନୀତି ଦୂର ହୋଇପାରିବ ବୋଲି କହିବା ସହିତ ନୈତିକତା, ମାନସିକତା ଓ ସଚେତନତାହିଁ ଦୁର୍ନିତି ନିବାରଣ କ୍ଷେତ୍ରରେ ଅମୋଘ ଅସ୍ତ୍ର ବୋଲି କହିଥିଲେ । ଦୁର୍ନିତି ନିବାରଣ ପାଇଁ ଭିଜିଲାନ୍ସ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ସ୍ୱାଗତ ସଂଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜ୍ଞ ଅଶ୍ୱିନୀ ପଟ୍ଟନାୟକ, ଆଇନଜ୍ଞ ଆଶୀଷ ଚକ୍ରବର୍ତୀ, ସାମ୍ବାଦିକ ଅକ୍ଷୟ ପଟ୍ଟନାୟକ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବକ୍ତବ୍ୟ ପ୍ରଦାନ କରି ଦୁର୍ନୀତିର ସଂଜ୍ଞା ଓ ପ୍ରକାରଭେଦ ଓ ନିବାରଣର ବିଭିନ୍ନ ଦିଗ ସଂପର୍କରେ ଅବତାରଣା କରିଥିଲେ ଏବଂ ବ୍ୟାପକ ସଚେତନତା ବଳରେ ହିଁ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ବୋଲି କହିଥିଲେ । ଏହି ସମାରୋହରେ ଉଚ୍ଚବିଦ୍ୟାଳୟସ୍ତରୀୟ ଓ ମହାବିଦ୍ୟାଳୟସ୍ତରୀୟ ଇଂରାଜୀ ଓ ଓଡିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ, ଧୃବିନ୍ଦ୍ର କୁମାର ପାତ୍ର, ରାଜଶ୍ରୀ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା ପ୍ରମୁଖ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ ତା ୨୯.୧୦.୨୦୧୮ରିଖ ଦିନ ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟାଳୟର ମୁଖ୍ୟମାନଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣ ସଂପର୍କିତ ଶପଥପାଠ କରାଯାଇଥିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର